ଏହି ପ୍ରଶ୍ନପତ୍ରରେ ମୋଟ 13 ଟି ପ୍ରଶ୍ନ ଅଛି ଏବଂ 8 ଟି ମୁଦ୍ରିତ ପୃଷ୍ଠା ଅଛି।

**Sl. No.**

**Roll No.** ରୋଲ୍ ନମ୍ବର | | | | | | | | | | | | |

**Code No.** କୋଡ୍ ନମ୍ବର **58/SS/A/OR**

**Set / ସେଟ୍ A**

# ODIA
# ଓଡ଼ିଆ
# (305)

**Day and Date of Examination :**
ପରୀକ୍ଷା ଦିନ ଓ ତାରିଖ: ____________________

**Signature of Invigilators : 1.** ____________________
ନିରୀକ୍ଷକଙ୍କ ସ୍ୱାକ୍ଷର: **2.** ____________________

ସାଧାରଣ ନିର୍ଦ୍ଦେଶାବଳୀ :

1. ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ ନମ୍ବର **(Roll Number)** ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।
2. ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ । ପ୍ରଶ୍ନଗୁଡିକ କ୍ରମାନୁଯାୟୀ ଅଛି କି ନାହିଁ ଦେଖି ନିଅନ୍ତୁ ।
3. ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ ।
4. ସମସ୍ତ ପ୍ରଶ୍ନର ଉତ୍ତର ନୀର୍ଧାରିତ ସମୟ ଭିତରେ ଦେବାକୁ ହେବ ।
5. ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ।
6. ପ୍ରଶ୍ନପତ୍ରର କୋଡ୍ ନମ୍ବର **(Paper Code No. 58/SS/A/OR-A)** ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।

# ODIA
# ଓଡ଼ିଆ
# (305)

**ସମୟ : 3 ଘଣ୍ଟା]** **[ଅଧିକତମ ମୂଲ୍ୟାଙ୍କ : 100**

**ନିର୍ଦ୍ଦେଶ:** (i) ପ୍ରତି ପ୍ରଶ୍ନର ଉତ୍ତର ଦିଅ ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ) ସୂଚିତ ହେଉଛି ।

---

**1.** କ) ନିମ୍ନଲିଖିତ ଯେ କୌଣସି ଚାରୋଟି ଶବ୍ଦର ବିପରୀତ ଶବ୍ଦ ଲେଖ । **[4 × 1 = 4]**

କିଣା, ପ୍ରଦେଶ, ଦୋଷୀ, ବଳକା, ପ୍ରତ୍ୟକ୍ଷ, କନିଷ୍ଠ, ଇହ

ଖ) ନିମ୍ନଲିଖିତ ଚାରୋଟି ରୂଢ଼ିର ଅର୍ଥ ଲେଖ । **[4 × 1 = 4]**

ଜିରାରୁ ଶିରା କାଢ଼ିବା, ତିଳକୁ ତାଳ କରିବା, ଅଣ୍ଟିଛୁରୀ ତଣ୍ଟି କାଟିବା, କଟା ଘା'ରେ ଚୂନ,

ଆପଣା ସୁନା ଭେଣ୍ଡି, ଚକ୍ଷୁ କୁଟିବା, ଚାରି ଦଉଡ଼ି କଟା

ଗ) ଯେ କୌଣସି ଚାରୋଟିର ଶୁଦ୍ଧ ରୂପ ଲେଖ । **[4 × 1 = 4]**

ସବାନ୍ଧବେ, ସର୍ବକାଳୀନ, ଯାତାୟତ, ମୁଖ୍ୟ, ଆଦ୍ରତା, ଦିଗାମ୍ବର ଅହୋରାତ୍ରୀ

ଘ) ନିମ୍ନ ବିଶେଷ୍ୟ ପଦ ଗୁଡ଼ିକ ମଧ୍ୟରୁ ଚାରୋଟିର ବିଶେଷଣ ପଦ ଲେଖ । **[4 × 1 = 4]**

ପ୍ରସଙ୍ଗ, ସମ୍ମାନ, ଅଧିଷ୍ଠାନ, ଓଜନ, ବିପ୍ଳବ, ମାନବ, କୂଳ

2. ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେ କୌଣସି ତିନୋଟି ର ଶୂନ୍ୟ ସ୍ଥାନ ପୂରଣ କର । **[3 x 1 = 3]**

କ) କାର୍‌ରେ ସମୁଦାୟ _________ ଜଣ ବସିଥିଲେ ।

[ଜଣେ, ଦୁଇଜଣ, ତିନିଜଣ, ଚାରିଜଣ]

ଖ) ଲେଖକଙ୍କ ମତରେ ମଣିଷ ଦେଖିବାକୁ _________ ପରି ।

[ଓଲଟ ବୃକ୍ଷ, ଥୁଣ୍ଟା ଗଛ, କଣ୍ଟା ଗଛ, ଫଳନ୍ତି ଗଛ]

ଗ) ରାତିରେ ଶାନ୍ତ ନୀରବ ମୁହୂର୍ତ୍ତ _________ ଧ୍ୱନି ଭିତରେ କ୍ଷୁବ୍ଧ ଓ ଚଞ୍ଚଳ ହୋଇ ଉଠିଲା ।

[ସ୍ୱାଧୀନ ଭାରତ କି ଜୟ, ଇନ୍ କିଲାବ ଜିନ୍ଦାବାଦ, ମହାତ୍ମା ଗାନ୍ଧୀ କି ଜୟ]

ଘ) ଲଣ୍ଡନରୁ ସଂଧ୍ୟାରେ _________ ଖଣ୍ଡ ସଂବାଦ ପତ୍ର ପ୍ରକାଶ ପାଏ ।

[୨ ଖଣ୍ଡ, ୩ ଖଣ୍ଡ, ୯ ଖଣ୍ଡ]

ଙ) ମୁଁ _________ ମାଆ, ମୋତେ ଛୁଇଁଲେ ଜାତି ଯିବ ।

[ବିଦେଶୀ, ଅଜାତିଆ, ଦେଶ ଦ୍ରୋହୀ, ଗୋବଧକାରୀ]

3. ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେକୌଣସି ତିନୋଟିର ଶୂନ୍ୟସ୍ଥାନ ପୂରଣ କର । **[3 × 1 = 3]**

କ) ଘୋଡ଼ା ________ ଟାଣେ ।

[ଗାଡ଼ି, ସାଇକେଲ, ମଟର]

ଖ) ସଂଧ୍ୟା ଗାଥା ଗାଇ ________ ସ୍ୱସଦନକୁ ଫେରି ଆସନ୍ତି ।

[ପକ୍ଷୀମାନେ, ମାଙ୍କଡ, ବାଘ]

ଗ )  ଭୁଆସୁଣୀ ________ ଠାରେ ସ୍ନାନ କରେ ।

[ଗାଁ ପୋଖରୀ, ନଦୀ, ନାଳ]

ଘ )  କୃଷ୍ଣ ରଥରେ ________ ମାନେ ବସି ପୃଥିବୀକୁ ଅବତରଣ କରନ୍ତି ।

[ଦେବ କନ୍ୟା, ବାଳିକା, ଦେବତା]

ଙ )  ________ ସୁଖରେ ଥିଲେ ଯମରାଜାଙ୍କ ପ୍ରାଣ ନେଇ ପାରେନା ।

[ପ୍ରଜା, ପଶୁ, ଗଜ, ଯୋଗ]

**4.** ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଯେକୌଣସି ତିନୋଟିର ଶୂନ୍ୟସ୍ଥାନ ପୂରଣ କର । **[3 × 1 = 3]**

କ)  ମୁଁ ଫମ୍ପା ଆରିଷ୍ଟୋକ୍ରାସିକ ପସନ୍ଦ କରେ ନି ବୋଲି ବେବୀ କୁ ________ କହିଛି ।

[ନେଲି ଅପା, ଜେମା, ଅଙ୍କଲ, ନବଘନ]

ଖ )  ________ ମାନେ ଏକା ଲାଉର ମଂଜି ।

[ପ୍ରମୋସନ ପାଇଥିବା କିରାଣୀ, ଅଫିସର, ଯୁବଗୋଷ୍ଠୀ]

ଗ )  ବୁଢ଼ା ବୟସରେ ପ୍ରଭାକର ________ ଦଉଡୁଛନ୍ତି ।

[ଘରକୁ, ହାଟକୁ, ଚାଷଜମିକୁ, ଗାଁର ପାଣି କାଦୁଅକୁ]

ଘ )  ________ ମାଡ୍ରାସୀ ହୋଟେଲରୁ ଦୋସା ମଗାଇ ଜଳଖିଆ ବ୍ୟବସ୍ଥା କରିଥିଲା ।

[ବେବୀ, ନବଘନ, ହେମା]

ଙ )  ________ ର ମନଟା ତଟୁ ଘୋଡ଼ା ।

[ପ୍ରଭାକର, ନଟବର, ଶକୁନ୍ତଳା, ନରହରି]

5. ଯେ କୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ । [4 × 2 = 8]

କ) ନାରସେନା ମନ ଦୁଃଖରେ ଘରୁ ଆସି କ'ଣ କଲା ?

ଖ) ରାୟ ବାହାଦୂର ଡ୍ରୟାର ଭିତରୁ କ'ଣ କାଢ଼ିଲେ ?

ଗ) ଇଂଲଣ୍ଡରେ ଭୋଟ କାଗଜରେ ଦଳୀୟ ଚିହ୍ନ ନ ଥାଏ କାହିଁକି ?

ଘ) କେଉଁଟି ମାନବ ସଭ୍ୟତାର ଶାଶ୍ୱତ ଗୁଣ ?

ଙ) ବୁର୍ଖା ପିନ୍ଧା ମହିଳା ଦେଖାଯିବା ପରେ ସେଠାରେ କ'ଣ ହେଲା ?

ଚ) ସହରରେ ଭୂତ ଥିବାର ପ୍ରମାଣ ଅଧକ୍ଷ କେମିତି ଦେଲେ ?

ଛ) ଅଚ଼ଳନ୍ତି କୁ ଚ଼ଳନ୍ତି କରିବାକୁ ହେଲେ କ'ଣ କରିବାକୁ ପଡ଼େ ?

6. ଯେକୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ । [4 × 2 = 8]

କ) ଗ୍ରାମବଧୂ କିପରି ସ୍ନାନ କରି ଫେରେ ?

ଖ) ଗାଁ ଭୁଆସୁଣୀମାନେ କିପରି ସ୍ନାନ କରନ୍ତି ?

ଗ) କିଏ, କେଉଁଠାରେ ଗୋପନରେ ଫୁଟିଛି ଏବଂ କାହାର ବାସ୍ନା ପବନରେ ଭାସି ଆସୁଛି ?

ଘ) ସଂଧ୍ୟା କାଳରେ କିଏ କ'ଣ କରନ୍ତି ?

ଙ) ସୂର୍ଯ୍ୟଦେବଙ୍କୁ କିପରି ନୈବେଦ୍ୟ ଦିଆଯାଉଛି ବୋଲି କବି ଉଲ୍ଲେଖ କରିଛନ୍ତି ?

ଚ) 'ଉତ୍କଳ ସନ୍ତାନ' କବିତାରେ କବି କାହାକୁ କାହିଁକି ଉଦ୍‌ବୋଧନ ଦେଇଛନ୍ତି ?

ଛ) ଯୁଧିଷ୍ଠିରଙ୍କୁ ଭୀଷ୍ମ କ'ଣ କରିବାକୁ କହିଲେ ।

**7.** ଯେକୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ । **[4 × 2 = 8]**

କ) ହେମାଙ୍ଗିନୀଙ୍କ ମତରେ ଝିଅମାନଙ୍କୁ ସ୍ୱାଧୀନତା କେଉଁଥି ପାଇଁ ଦିଆଯିବା ଉଚିତ ?

ଖ ) ନବଘନ ଅଣ୍ଡା, ବିସ୍କୁଟ ବଦଳରେ କ'ଣ ଖାଆନ୍ତି ଓ କାହିଁକି ଖାଆନ୍ତି ?

ଗ ) ମିସେସ ସିହ୍ନା ତାଙ୍କ ପୁଅ ଜନ୍ମଦିନରେ କ'ଣ କରିଥିଲେ ?

ଘ ) ସାରା ଜୀବନ ଅଫିସ ଦୌଡ଼ି ଦୌଡ଼ି ପ୍ରଭାକର କ'ଣ ପାଲଟି ଯାଇଛନ୍ତି ବୋଲି କହିଛନ୍ତି ?

ଙ ) ଆଜିର ସମୟରେ ଗାଁରେ ବଞ୍ଚିବାର ସାର୍ଥକତା କାହିଁକି ନାହିଁ ?

ଚ) ଗାଁରେ ତିଷ୍ଟିବାକୁ ହେଲେ କ'ଣ କରିବାକୁ ପଡ଼ିବ ?

ଛ) ପ୍ରଭାକର ଗାଁରେ କ'ଣ ଖୋଜିବେ ବୋଲି କହିଛନ୍ତି ?

**8.** ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । **[8]**

କ) ଇଂଲଣ୍ଡର ଅର୍ଥନୀତି ସ୍କୁଲରେ ଗବେଷଣା କରିବା ସମୟରେ ଲେଖକ ଙ୍କ ଅନୁଭୂତି ସଂପର୍କରେ ଆଲୋଚ଼ନା କର ।

ଖ ) ପାରିବାରିକ କାହାଣୀ ହେଲେ ବି ଭାରତର ସ୍ୱାଧୀନତା ସଂଗ୍ରାମ ପୃଷ୍ଠ ଭୂମିରେ 'ପତାକା ଉତ୍ତୋଳନ' ଗଳ୍ପଟି କିପରି ଗଢ଼ି ଉଠିଛି ବର୍ଣ୍ଣନା କର ।

ଗ ) 'ଜାତିର ଧକ୍‌କା' ଗଳ୍ପଟି ଏକ ମାତ୍ର ହୃଦୟର କାହାଣୀ - ପ୍ରତିପାଦନ କର ।

**9.** ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । **[8]**

କ) ସାମାଜିକ ପରିପ୍ରେକ୍ଷୀରେ ଭୀଷ୍ମଙ୍କ ଉପଦେଶର ଉପାଦେୟତା ବର୍ଣ୍ଣନା କର ।

ଖ ) ''ଉତ୍କଳ ସନ୍ତାନ'' କବିତା ଲେଖିବାର କବିଙ୍କର କି ଅଭିପ୍ରାୟ ଥିଲା ?

ଗ ) 'ଗ୍ରାମ ପଥ' କବିତାରୁ ଗ୍ରାମ୍ୟ ଚିତ୍ର ବର୍ଣ୍ଣନା କର ।

**10.** ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ । **[8]**

କ) ଗାଁ ଅପେକ୍ଷା ସହର ଅଧିକ ନିରାପଦ - ଉକ୍ତିଟିର ଯଥାର୍ଥତା ପଠିତ ଏକାଙ୍କିକା ଅବଲମ୍ବନରେ ଆଲୋଚ଼ନା କର ।

ଖ ) ହେମାଙ୍ଗିନୀ ଓ ନବଘନ ଚରିତ୍ର ମଧ୍ୟରେ ଥିବା ବିଚାର ଧାରାଗତ ପାର୍ଥକ୍ୟ ଦର୍ଶାଇ ଦୁହିଁଙ୍କ ମଧ୍ୟରେ ମତ ପାର୍ଥକ୍ୟ କିପରି ଅବସାନ ହେଲା ଆଲୋଚ଼ନା କର ।

ଗ ) ଜଣେ ଅବସର ପ୍ରାପ୍ତ ବ୍ୟକ୍ତିର ଅସହାୟତା ଓ ଜୀବନର ବିଫଳତା ପଠିତ ଏକାଙ୍କିକାଟିରେ ପ୍ରତିଫଳିତ ଆଲୋଚନା କର ।

**11.** ନିମ୍ନଲିଖିତ ଯେ କୌଣସି ଗୋଟିକର ପ୍ରବନ୍ଧ ଲେଖ । **[8]**

କ) ଭାରତରେ ଜନସଂଖ୍ୟା ବୃଦ୍ଧିର ପ୍ରଭାବ

ଖ ) ଦୂରଦର୍ଶନ

ଗ ) ଭ୍ରମଣର ଉପାଦେୟତା

ଘ) ଗୁରୁ ଦିବସ

**12.** କୌଣସି ରାସ୍ତା ଅବରୋଧ ସଂପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରି ସାଙ୍ଗ ନିକଟକୁ ପତ୍ର ଲେଖ । **[8]**

(କିମ୍ବା)

ତୁମ ଗ୍ରାମରେ ବିଦ୍ୟୁତ ସଂଯୋଗ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଆବେଦନ ପତ୍ର ଲେଖ ।

**13.** ନିମ୍ନଲିଖିତ ପରିଚ୍ଛେଦଟି ପାଠକରି ପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଦିଅ । **[2 × 5 + 1 = 11]**

ବୁଦ୍ଧଦେବ ଙ୍କ ଆବିର୍ଭାବ ପୂର୍ବରୁ ଯେ ଏ ଦେଶରେ ନୌବାଣିଜ୍ୟ ପ୍ରସିଦ୍ଧି ଲାଭ କରିଥିଲା, ଏହା ମଧ୍ୟ କେତେକ ଗଳ୍ପ ଓ କିମ୍ବଦନ୍ତୀରୁ ପରିଷ୍କାର ଜଣାଯାଏ । ବ୍ରହ୍ମଦେଶରୁ ଦୁଇଟି ବଣିକ ଭ୍ରାତା ତପୁସ ଓ ପାଲିକତ ବୁଦ୍ଧଦେବଙ୍କୁ ଉପହାର ଦେବା ନିମନ୍ତେ ବୋଇତରେ ପ୍ରାୟ ପାଞ୍ଚଶ ଗାଡ଼ି ଜିନିଷ ବୋଝେଇ କରି କଳିଙ୍ଗର ଉତ୍ତର-ପୂର୍ବ ଉପକୂଳରେ ଥିବା ଆଡ଼ଜିତା ନାମକ ବନ୍ଦରରେ ଜାହାଜରୁ ଅବତରଣ କଲେ । ଏହି ଆଡ଼ଜିତା ବନ୍ଦରରୁ ସେମାନେ ସ୍ଥଳ ପଥରେ ମଗଧ ଯାତ୍ରା କଲେ । ଅବଶ୍ୟ ଏହି ଆଡ଼ଜିତା ବନ୍ଦର କେଉଁଠାରେ ତାହା ଏପର୍ଯ୍ୟନ୍ତ ଠିକ୍ ଜଣା ଯାଇ ନାହିଁ । ଖ୍ରୀଷ୍ଟ ପ୍ରଥମ ଶତାବ୍ଦୀରେ ଲିଖିତ ଟଲେମିଙ୍କ ''ପ୍ରାଚୀନ ଭାରତର ଭୂଗୋଳ'ରେ ମଧ୍ୟ ଏ ବନ୍ଦର ଉଲ୍ଲେଖ ନାହିଁ । ସେ ଯାହା ହେଉ ପାଞ୍ଚଶହ ଗାଡ଼ିର ଜିନିଷ ଯେଉଁ ବନ୍ଦରରେ ଖଲାସ କରାଯାଇ ପାରୁଥିଲା ସେ ବନ୍ଦର ଯେ କେତେ ବିଶାଳ ହେବ ଓ କେତେ ବର୍ଷ ଆଗରୁ ପ୍ରସିଦ୍ଧି ଲାଭ କରି ଆସିଥିବ । ଏହା ସହଜରେ ଅନୁମେୟ ଆଉ ଅନ୍ୟ କଥା ଛାଡ଼ି ଦେଲେ ଏହି ଆଡ଼ଜିତା ବନ୍ଦରର ଅସ୍ତିତ୍ୱ ପ୍ରମାଣ କରେ ଯେ, ବୁଦ୍ଧଦେବଙ୍କ ଆବିର୍ଭାବ ବହୁ କାଳ ପୂର୍ବରୁ କଳିଙ୍ଗବାସୀ ସମୁଦ୍ର ପଥରେ ଯାତାୟାତ କରିବାରେ ପ୍ରବୀଣ ଥିଲେ, ସୁତରାଂ ଯେଉଁମାନେ କହନ୍ତି ପ୍ରମାଣ ମିଳୁଛି ଖ୍ରୀ.ପୂ. ୮୦୦ ବର୍ଷ ପୂର୍ବରୁ କଳିଙ୍ଗବାସୀ ସମୁଦ୍ର ବାଣିଜ୍ୟରେ ନିପୁଣ ହୋଇଥିଲେ ସେମାନଙ୍କ ମତ ଭ୍ରାନ୍ତ କିମ୍ବା ଅମୂଳକ ନୁହେଁ ।

ପ୍ରଶ୍ନ (୧) ଗଳ୍ପ ଓ କିମ୍ବଦନ୍ତୀରୁ କ'ଣ ସ୍ପଷ୍ଟ ଜଣାଯାଏ ?

(୨) ବ୍ରହ୍ମଦେଶର ଦୁଇଟି ବଣିକ ଭ୍ରାତା କିଏ ?

(୩) ପ୍ରାଚୀନ ଭାରତର ଭୂଗୋଳ ଗ୍ରନ୍ଥର ଲେଖକ କିଏ ?

(୪) କଳିଙ୍ଗବାସୀ କେଉଁଥିରେ ପ୍ରବୀଣ ଥିଲେ ?

(୫) କେଉଁ ମାନଙ୍କର ମତ ଭ୍ରାନ୍ତ କିମ୍ବା ଅମୂଳକ ନୁହେଁ ?

(୬) ଏକ ଉପଯୁକ୍ତ ଶିରୋନାମା